Volume XXXII No 106
Bhubaneswar
Wednesday 20 January 2016
Page 22 ₹ 5.00
ଭୁବନେଶ୍ୱର
ବୁଧବାର, ୨୦ ଜାନୁଆରି ୨୦୧୬
୨୨ ପୃଷ୍ଠା, ମୂଲ୍ୟ ୫ ଟଙ୍କା

SAMBAD
ସମ୍ବାଦ

www.sambadepaper.com (Air Surcharge 0.50p)

RNI Regd. No. 42132/84 PRINTED AT BHUBANESWAR BALASORE JEYPORE BARGARH

# ପରିବହନ ଭିତ୍ତିଭୂମି ସଂପର୍କିତ ଆଲୋଚନାଚକ୍ର

ଭୁବନେଶ୍ୱର, ୧୯/୧: ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ(ଆସିସି) ପକ୍ଷରୁ ରାଜମାର୍ଗ, ରେଳ, ବନ୍ଦର ଏବଂ ବିମାନ ଭିତ୍ତିଭୂମି ସମ୍ପର୍କୀତ ଆଲୋଚନା ଚକ୍ର 'ସ୍ମାର୍ଟ ଇନ୍‌ଫ୍ରା ଓଡିଶା' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରଥମ ସଂସ୍କରଣରେ ପରିବହନ ଭିତ୍ତିଭୂମି ଏବଂ ଉନ୍ନତିକରଣ ନୀତି ଗଠନର ଆବଶ୍ୟକତା ଉପରେ ବିଶେଷଜ୍ଞମାନେ ଆଲୋକପାତ କରିଛନ୍ତି । ଏହି ଅବସରରେ ଆଇସିସି ଓଡିଶା ଏକ୍ସପର୍ଟ କମିଟି ସଭ୍ୟ ତଥା ଜେଏସ୍‌ପିଏଲ୍‌ର ନିର୍ଦ୍ଦେଶକ ମନିଷ ଖର୍ବନ୍ଦା କାର୍ଯ୍ୟକ୍ରମର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନାରେ ଉଦ୍ୟୋଗ ଗୁଡିକ ସହିତ ସଂଯୋଗ ସ୍ଥାପନା ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ପଦକ୍ଷେପ, ପିପିପି ପ୍ରକଳ୍ପର ବିଡିଂ ପାଇଁ ଥିବା ନିୟମ, ରାଜମାର୍ଗରେ ଘଟୁଥିବା ବିଭିନ୍ନ ଅପରାଧିକ କାର୍ଯ୍ୟକଳାପର ନିୟନ୍ତ୍ରଣ, ଉଦ୍ୟୋଗ ଗୁଡିକ ପାଇଁ ସ୍ୱତନ୍ତ୍ର ରେଳ କରିଡର, ରେଳବାଇ ପାଇଁ ଭିଜନ-୨୦୨୦, ରେଳ ସେବାର ଘରୋଇ କରଣ ଆଦି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସେବା ଉପରେ ଆଲୋଚନା ଅନୁଷ୍ଠିତ ହୋଇ ଯାଇଛି । ଅନୁଗୁଳ ସୁକିନ୍ଦା ରେଳବାଇ ପରିଚାଳନା ନିର୍ଦ୍ଦେଶକ ଦିଲୀପ୍ କୁମାର ସାମନ୍ତରାଏ, ରାଜ୍ୟ ପରିବହନ କମିସନର ଚନ୍ଦ୍ର ଶେଖର କୁମାର, ଭିସା ଷ୍ଟିଲ୍ ନିର୍ଦ୍ଦେଶକ ରଞ୍ଜନ ମିଶ୍ର, ବିଜୁ ପଟ୍ଟନାୟକ ବିମାନ ବନ୍ଦର ନିର୍ଦ୍ଦେଶକ ଶରଦ କୁମାର, ଓସିଏଲ୍ ଗ୍ରୁପ୍‌ର ଶୁଭେନ୍ଦୁ ଦାସ, ସିଓ୍ୱେ ଲଜିଷ୍ଟିକ ଉପସଭାପତି ଦେବବ୍ରତ ନାୟକ, ଜେଏସ୍‌ପିଏଲ୍ ଏଭିପି ଭି ରାମଦୋଷ, ବ୍ରାହ୍ମଣୀ ରେଳବାଇ ସିଇଓ ବି କେ ଯୋଶୀ, ଓମପ୍ରକାଶ ମୁଛାଲ, ବ୍ରାହ୍ମଣୀ ରିଭର୍ ପେଲେଟ୍‌ର ନିର୍ଦ୍ଦେଶକ ଏନ୍ ଡି ରାଓ ଓ କଣ୍ଡୋଇ ରୋଡ୍‌ଲାଇନର ନିର୍ଦ୍ଦେଶକ ଶଶି କଣ୍ଡୋଇ ଉପସ୍ଥିତ ଥିଲେ । ଇଷ୍ଟ୍‌କୋଷ୍ଟ୍ ରେଳବାଇର ମୁଖ୍ୟ ମାଲ୍ ପରିବହନ ପ୍ରବନ୍ଧକ ଏସ କେ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।